ରିପୋର୍ଟଯୋଗ୍ୟ

# ଭାରତୀୟ ଉଚ୍ଚତମ ନ୍ୟାୟାଳୟ ରେ

ସିଭିଲ୍ ଅପିଲେଟ୍ ଜୁରିସ୍‌ଡ଼ିକ୍ସନ୍

ସିଭିଲ୍ ଅପିଲ୍ ସଂଖ୍ୟା – ୯୫୧୪/୨୦୧୯

(ଏସ୍.ଏଲ୍.ପି.(ସି) ସଂଖ୍ୟା ୧୭୩୧/୨୦୧୯ରୁ ଆସିଛି)

ଓଡ଼ିଶା ରାଜ୍ୟ ଏବଂ ଅନ୍ୟମାନେ.................... ବାଦୀ (ମାନେ)

ବନାମ

ଗଣେଶ ଚନ୍ଦ୍ର ସାହୁ.............................. ପ୍ରତିବାଦୀ (ମାନେ)

ରାୟ

ହ୍ରିସିକେଶ ରାୟ, ବିଚାରପତି

୧. ପୋଲିସ୍ ମହାନିର୍ଦ୍ଦେଶକ, ପୋଲିସ୍ ମହାନିରୀକ୍ଷକ ଏବଂ ଅନ୍ୟମାନେ, ରିଟ୍ ପିଟିସନ୍ (ସି) ସଂଖ୍ୟା ୭୦୫୩/୨୦୧୧ ର ରାୟ ଏବଂ ଆଦେଶ ତା୦୨.୦୫.୨୦୧୮ରିଖ ବିରୋଧରେ ଏହି ଅପିଲ୍ ଦାୟର କରିଛନ୍ତି। ଆକ୍ଷେପିତ ରାୟରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ କାର୍ଯ୍ୟାନ୍ତର ଦଣ୍ଡକୁ ପରିବର୍ତ୍ତନ କରି ପ୍ରତିବାଦୀଙ୍କୁ ବାଧ୍ୟତାମୂଳକ ଅବସର ଗ୍ରହଣ କରିବା ପାଇଁ ଆଦେଶ ଦେଇଛନ୍ତି। ଏବଂ ଏହି ପରିସରରେ ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣଙ୍କ ତା୦୨.୧୨.୨୦୧୦ରିଖର ଆଦେଶ ରେ ଆଂଶିକ ପରିବର୍ତ୍ତନ କରାଗଲା। ଓ.ଏ. ସଂଖ୍ୟା – ୧୪୪୯ (ସି)/୨୦୦୩ କୁ ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣ ଙ୍କ କାର୍ଯ୍ୟାନ୍ତର ଆଦେଶ ଦ୍ୱାରା ପ୍ରତିବାଦୀଙ୍କ ଆବେଦନକୁ ପ୍ରତ୍ୟାଖ୍ୟାନ କରିଥିଲେ।

୨. ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପୂର୍ବରୁ ପ୍ରତିବାଦୀ ଓ.ଏସ୍.ଏ.ପି. ର ୪ର୍ଥ ସୈନ୍ୟବାହିନୀରେ ଅନୁଗାମୀ ଭାବରେ କାର୍ଯ୍ୟରତ ଥିଲେ। ସେ ତା୨୫.୦୫.୧୯୯୧ରିଖ ଠାରୁ ତା୦୪.୦୬.୧୯୯୧ରିଖ ପର୍ଯ୍ୟନ୍ତ ଛୁଟି ନେଇ ତାଙ୍କ ଜନ୍ମସ୍ଥାନରୁ ଯାଇଥିଲେ ତାଙ୍କ ଅସୁସ୍ଥ ମା କୁ ଭେଟିବା ପାଇଁ ଛୁଟିରେ ଥିବାବେଳେ ସେ ମ୍ୟାଲେରିଆ ଜ୍ୱର ରେ ଆକ୍ରାନ୍ତ ହୋଇଥିଲେ ଏବଂ ସେ ତା୩୧.୦୫.୧୯୯୧ରିଖରେ କଟକ, ସିଟି ହସ୍ପିଟାଲ ରେ ଆଡ଼ମିସନ୍ ହୋଇଥିଲେ। ଏବଂ ତାହାପରେ ତାଙ୍କୁ ୨ ମାସ ଆରାମ କରିବା ପାଇଁ ଡ଼ାକ୍ତର

ପରାମର୍ଶ ଦେଇଥିଲେ। ଯେତେବେଳେ ପ୍ରତିବାଦୀ ତା୧୨.୦୨.୧୯୯୧ରିଖରେ (ଆନେକ୍ସର ପି୧) ଛୁଟିବୃଦ୍ଧି କରିବାପାଇଁ ଆବେଦନ କରିଥିଲେ। ସେନାନାୟକ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରି, କଟକଙ୍କ ପାଖରେ ହାଜର ହୋଇ ଡ଼ାକ୍ତରୀ ପରୀକ୍ଷା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏବଂ ଚିକିତ୍ସା ପାଇଁ ଆବଶ୍ୟକ ହେଉଥିବା ସମୟ ବିଷୟରେ ସେନାନାୟକଙ୍କୁ ଜଣାଇବାର ଥିଲା। ଯେତେବେଳେ ପ୍ରତିବାଦୀ ଡ଼ାକ୍ତରୀ ପରୀକ୍ଷା କରିବା ପାଇଁ ବିଫଳ ହେଲେ, ତା୨୨.୧୦.୧୯୯୧ରିଖରେ ଦ୍ୱିତୀୟ ଥର ପାଇଁ ତାଙ୍କୁ ଏହି ବିଷୟରେ ଜଣାଯାଇଥିଲା। କିନ୍ତୁ ପ୍ରତିବାଦୀ ସେ ସବୁ ଯୋଗାଯୋଗକୁ ଧାନ ଦେଇ ନ ଥିଲେ ଏବଂ ଛୁଟି ଅବଧି ପୂରିବାର ମାସ ମାସ ପରେ ମଧ ତାଙ୍କର ଠିକଣା ସମ୍ପର୍କରେ କୌଣସି ଅବଗତ କରାଯାଇ ନ ଥିଲା। ଏବଂ ତା ପରେ ତା ୧୩.୦୩.୧୯୯୨ରିଖରେ ତାଙ୍କୁ କେତେଥର ନିର୍ଦ୍ଦେଶପୂର୍ବକ କୁହାଯାଇଥିଲା ଯେ. ଏହି ଚିଠି ପାଇବାର ୭ଦିନ ମଧରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, କଟକ ଙ୍କ ପାଖରେ, ତାଙ୍କ ପୀଡ଼ିତ ଅବସ୍ଥାର ଡ଼ାକ୍ତରୀ ପରୀକ୍ଷା କରି ତାଙ୍କ ଅସୁସ୍ଥତାର ଯଥାର୍ଥତା ପ୍ରତିଷ୍ଠା କରିବା ପାଇଁ, ତାହା ନ ହେଲେ, ବେଆଇନ ଭାବରେ ଅଧିକ କାଳ ଛୁଟିରେ ରହିଥିବାରୁ ବିଭାଗୀୟ କାର୍ଯ୍ୟାନୁଷ୍ଠାନର ସାମ୍ନା କରିବାକୁ ପଡ଼ିବ।

୩. ପ୍ରତିବାଦୀ ଡ଼ାକ୍ତରୀ ପରୀକ୍ଷା କରାଇବା ଏବଂ କର୍ମକ୍ଷେତ୍ରରେ ଯୋଗ ଦେବାରେ ବିଫଳ ହେବାରୁ, ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା ଏବଂ ଅଭିଯୋଗପତ୍ର ଏବଂ ଅନ୍ୟ ଆବଶ୍ୟକୀୟ କାଗଜ ପତ୍ର, ତା୨୬.୧୦.୧୯୯୨ରିଖରେ ତାଙ୍କୁ ତାଙ୍କ ଜନ୍ମସ୍ଥାନରେ ଯଥାବିଧି ପ୍ରଦାନ କରାଯାଇଥିଲା। ଯାହାହେଲେ ମଧ ପ୍ରତିବାଦୀ କୌଣସି ସ୍ୱଷ୍ଟିକରଣ ଜ୍ଞାପନ କଲେ ନାହିଁ ଏବଂ ତା ପରେ ତାଙ୍କୁ ପଠାଯାଇଥିବା ନୋଟିସ୍ ଏବଂ ଅଭିସାକ୍ଷ୍ୟ କୁ ଗ୍ରହଣ କରିବା ପାଇଁ ମନା କଲେ। ଦୋଷୀଙ୍କ ଦ୍ୱାରା ବିନା ସହଭାଗିତାର କାରଣରୁ, ବିଭାଗୀୟ କାର୍ଯ୍ୟାନୁଷ୍ଠାନ ତାଙ୍କ ଅନୁପସ୍ଥିତିରେ ଏକତରଫା ଭାବେ ପରିଚାଳନା କରିବାକୁ ପଡ଼ିଥିଲା। ଏବଂ ତଦନ୍ତ ଅଧିକାରୀଙ୍କୁ ଅଭିଯୋଗରେ ଦୋଷୀ ବୋଲି ପାଇଥିଲେ। ତଦନ୍ତ ଅଧିକାରୀଙ୍କ ତଥ୍ୟକୁ ଗ୍ରହଣ କରି ସେନାଧିକାରୀ ତାଙ୍କୁ ଚାକିରିରୁ ବହିଷ୍କାର କରିବା ପାଇଁ ଦଣ୍ଡକୁ ବିଚାର କରି ୨ୟ କାରଣ ଦର୍ଶାଅ ନୋଟିସ୍ ତାଙ୍କୁ ପ୍ରେରଣ କଲେ। ପରିଶେଷରେ ପ୍ରତିବାଦୀଙ୍କୁ ବାଟାଲିୟନ ଆଦେଶ ସଂଖ୍ୟା – ୪୧୮୯ ତା୩୦.୧୨.୧୯୯୩ (ଅନେକ୍ସର ପି-୨) ରେ ତାଙ୍କୁ ଚାକିରିରୁ ବହିଷ୍କାର କରାଗଲା। କାର୍ଯ୍ୟାନ୍ତର ଆଦେଶରେ ସୂଚିତ କରାଯାଇଛି ଯେ ଦ୍ୱିତୀୟ କାରଣ ଦର୍ଶାଅ ନୋଟିସ୍ ର ଜବାବ, ଦୋଷୀ ଦେଲେନାହିଁ ଏବଂ ତାଙ୍କୁ ବିଭାଗ ଦ୍ୱାରା ଲଫାପାରେ ଅନୁମୋଦନ ପୂର୍ବକ

ସୂଚିତ କରାଯାଇଥିଲା ଯେ ଶୃଙ୍ଖଳାଗତ ଅଧିକାରୀଙ୍କ ଦ୍ୱାରା ପଠାଯାଇଥିବା କାରଣ ଦର୍ଶାଅ ନୋଟିସ୍ କୁ ଗ୍ରହଣ କରିବା ପାଇଁ ସେ ମନା କରି ଦେଇଥିଲେ ।

୪. କାର୍ଯ୍ୟାନ୍ତର ଆଦେଶର (୩୦.୧୨.୧୯୯୩) ୪ ବର୍ଷ ପରେ, ପ୍ରତିବାଦୀ, ଆବେଦନକାରୀ-୨ଙ୍କୁ ଏଠାରେ ଏକ ଅପିଲ୍ ଦ୍ୱାରା ସମ୍ବୋଧନ କଲେ । ଏବଂ ଯଦିଓ ଅପିଲ୍ ଟି କାଳବାରିତ ଅପିଲ୍ ଥିଲା, ପ୍ରାଧିକାରୀ ଏହାକୁ  ଗୁଣାତ୍ମକ ଦୃଷ୍ଟିରୁ ସ୍ଥିର କଲେ ଏବଂ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ରେ କୌଣସି ପ୍ରକ୍ରିୟାଗତ ଅନିୟମିତତା ହୋଇନଥିବା ଏବଂ ନ୍ୟାୟ୍ୟ ସଙ୍ଗତ ତଦନ୍ତ କୁ ଅନୁସରଣପୂର୍ବକ, ଦଣ୍ଡ ବିଧାନ କୁ ଉଚିତ୍ କହି ଉକ୍ତ ଅପିଲ୍ କୁ ପ୍ରତ୍ୟାଖ୍ୟାନ କରି ଦେଲେ । ତାଙ୍କ ଅପିଲ୍ ପ୍ରତ୍ୟାଖ୍ୟାନ ହେବାପରେ, ସେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ପାଖରେ ତାଙ୍କ ଦୁଃଖ ପ୍ରାର୍ଥନା ବିଷୟରେ ଜଣାଇଲେ କିନ୍ତୁ, ତାହା ସରକାରଙ୍କ ଚିଠି ତା୧୯.୦୯.୨୦୦୦ରିଖ ଦ୍ୱାରା ପ୍ରତ୍ୟାଖ୍ୟାନ ହୋଇଥିଲା ।

୫. କାର୍ଯ୍ୟାନ୍ତର ଆଦେଶର ୧୦ ବର୍ଷ ପରେ ଦୁଃଖ ପ୍ରାର୍ଥନା ପ୍ରତ୍ୟାଖ୍ୟାନର ୩ ବର୍ଷ ପରେ ପ୍ରତିବାଦୀ ଓ.ଏ. ସଂଖ୍ୟା-୧୪୫୯ (ସି)/୨୦୦୩ ମାଧମରେ, ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବିରୋଧରେ, ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣ ଙ୍କ ଦ୍ୱାରସ୍ଥ ହୋଇଥିଲେ । ପ୍ରତିବାଦୀ, ନ୍ୟାୟାଧିକରଣ ଆଗରେ, ପ୍ରାର୍ଥନା କରି କହିଛନ୍ତି ସେ ମାନସିକ ଅସୁସ୍ଥତାରେ ପୀଡ଼ିତ ଥିବାରୁ ବିଭାଗୀୟ ନୋଟିସ୍ ର ଜବାବ ଦେବା ପରିସ୍ଥିତିରେ ନ ଥିଲେ, ତାଙ୍କର ମାନସିକ ଅକ୍ଷମତା ଆଧାରରେ ପ୍ରତିବାଦୀ ୨୧.୦୧.୧୯୯୮ରିଖ ର ଡ଼ାକ୍ତରୀ ପ୍ରମାଣ ପତ୍ର ଡ଼ାକ୍ତର ଜି.ସି. କର (ମାନସିକ ରୋଗ ବିଭାଗ, ମୂଖ୍ୟ, ଏସ୍.ସି.ବି. ମେଡ଼ିକାଲ କଲେଜ) କଟକ ଙ୍କ ପାଖରୁ ଏହି ପରି ଭାବରେ ପ୍ରଦାନ କରିଥିଲେ ।

> "ଏହା ପ୍ରମାଣନ କରାଯାଇଛି ଯେ, ଶ୍ରୀ ଗଣେଶ ଚନ୍ଦ୍ର ସାହୁ (୪୦ ବର୍ଷ), ପିତା: ଶ୍ରୀ ସନାତନ ସାହୁ, ଗ୍ରାମ: ଗୋପାଳପୁର, ପୋ: ରଘୁନାଥପୁର ଥାନା/ଜିଲ୍ଲା: ଜଗତସିଂହପୁର, ତାଙ୍କ ଅଞ୍ଚଳର ଏମ୍.ଏଲ୍.ଏ. ଙ୍କ ଦ୍ୱାରା ଅନୁମୋଦିତ ହୋଇ ମୋ ପାଖରେ ତାଙ୍କର ମାନସିକ ଅସୁସ୍ଥତାର ଇତିହାସ ସହିତ ତା୦୩.୦୬.୧୯୯୧ରିଖରେ ପହଞ୍ଚିଥିଲେ । ସେ ତା୦୩.୦୬.୧୯୯୧ରିଖ ଠାରୁ ଆଜି ପର୍ଯ୍ୟନ୍ତ ଦୀର୍ଘଦିନ ହେବ, ସେ ବାରମ୍ବାର ଚକ୍ରିୟ ଉନ୍ନତ ବିଶାଦ ମନୋବିକୃତି ରୋଗରେ ଆକ୍ରାନ୍ତ ହେଉଥିବାରୁ ଚିକିତ୍ସିତ ହୋଇ ଆସୁଛନ୍ତି । ଚିକିତ୍ସା ଚାଲୁଥିବା ସମୟରେ, ସେ କୌଣସି ଦାୟିତ୍ୱ ନେବାକୁ ଅକ୍ଷମ ଥିଲେ ଏବଂ ତାଙ୍କୁ ବିଶ୍ରାମ ନେବା ପାଇଁ ଉପଦେଶ ଦିଆ ଯାଇଥିଲା ।

ମୋର ଅତୀତ ଏବଂ ବର୍ତ୍ତମାନର ପରୀକ୍ଷାକୁ ଅବଲୋକନ କରି ମୁଁ ମତ ଦେଉଛି ଯେ ୨୨.୦୧.୧୯୯୮ ଠାରୁ ସେ କର୍ମକ୍ଷେତ୍ରରେ ଯୋଗଦେବା ପାଇଁ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ।

ତେଣୁ ତାଙ୍କୁ ତାଙ୍କର ଅନୁପସ୍ଥିତି ପାଇଁ ତା୦୩.୦୬.୧୯୯୧ରିଖ ଠାରୁ ତା୨୧.୦୧.୧୯୯୮ରିଖ ପର୍ଯ୍ୟନ୍ତ ଡ଼ାକ୍ତରି କାରଣରୁ ଦୟାପୂର୍ବକ ଛୁଟି ମଞ୍ଜୁର କରାଯାଉ ।"

୬. ନ୍ୟାୟାଧିକରଣ, ପ୍ରାସଙ୍ଗିକ ତଥ୍ୟକୁ ବିଚାରକୁ ନେଇ ଉକ୍ତ ଡ଼ାକ୍ତରୀ ପ୍ରମାଣ ପତ୍ରକୁ ଅଧ୍ୟୟନ କଲା ସମୟରେ ପାଇଛନ୍ତି ଯେ ଡ଼ାକ୍ତରୀ ପ୍ରମାଣ ପତ୍ର ଦେଇଥିବା ଡ଼ାକ୍ତର ତାଙ୍କ ପ୍ରମାଣ ପତ୍ରରେ ତାଙ୍କ ଦ୍ୱାରା ଚିକିତ୍ସିତ ହେଉଥିବା ପ୍ରତିବାଦୀଙ୍କ ଚିକିତ୍ସାର ସମୟ ଅବଧି ବାବଦରେ ନିର୍ଦ୍ଦିଷ୍ଟ ଭାବରେ ଉଲ୍ଲେଖ କରି ନାହାଁନ୍ତି (୦୩.୦୬.୧୯୯୧-୨୧.୦୧.୧୯୯୮) । ମାନସିକ ରୋଗ ବିଶେଷଜ୍ଞ ଙ୍କ ଠାରୁ ଡ଼ାକ୍ତରୀ ପ୍ରମାଣ ପତ୍ର ପାଇବା ପୂର୍ବରୁ, ପ୍ରତିବାଦୀ କୌଣସି ସମୟରେ ସେ, ମନୋଚିକିତ୍ସକ ଙ୍କ ଅଧିନରେ ଚିକିତ୍ସକ ହେଉଥିବାର କଥା କହି ନାହାନ୍ତି, ଯେହେତୁ ଡ଼ାକ୍ତରଙ୍କ ମତରେ, ରୋଗୀର ମାନସିକ ସ୍ୱାସ୍ଥ୍ୟ କୁ ଠିକ୍ କରିବାକୁ ୭ ବର୍ଷ ଲାଗି ଯାଇଛି । ଏହା ଦ୍ୱାରା ନ୍ୟାୟାଧିକରଣ ଡ଼ାକ୍ତରୀ ପ୍ରମାଣ ପତ୍ରର ସତ୍ୟତାକୁ ସନ୍ଦେହ କରିଥିଲେ ।

୭. ତାଙ୍କ ଆଦେଶ ମାଧମରେ ନ୍ୟାୟାଧିକରଣ, ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନକୁ ସଠିକ୍ ଭାବରେ ପରିଚାଳନା କରିବା ପାଇଁ ଆଦେଶ ଦେଇଥିଲେ । ଶୃଙ୍ଖଳାଗତ ପ୍ରାଧିକାରୀଙ୍କ ଦ୍ୱାରା ଦୋଷି ପ୍ରତିବାଦୀଙ୍କୁ ଚିଠି ଏବଂ ନୋଟିସ୍ ଯିବା, ଦୋଷୀ ପ୍ରତିବାଦୀ ତାକୁ ଗ୍ରହଣ ନ କରିବା, ଆଦି ତଥ୍ୟକୁ ଆଧାର କରି, ଏବଂ ଆହୁରି ନଜରକୁ ଆସିଛି ଯେ – ପ୍ରତିବାଦୀଙ୍କ କାର୍ଯ୍ୟାନ୍ତର ଆଦେଶର ୪ ବର୍ଷ ପରେ, ସେ ଅପିଲ୍ ପ୍ରାଧାକାରୀଙ୍କ ପାଖରେ ଅସଫଳ ପ୍ରୟାସ କରିଥିଲେ ।

୮. ପୂର୍ବକଥିତ ପରିସ୍ଥିତିକୁ ବିଚାର କରି ନ୍ୟାୟାଧିକରଣ ବିବେଚନା କରିଛନ୍ତି ଯେ ଦୋଷୀଙ୍କୁ ପର୍ଯ୍ୟାପ୍ତ ତଥା ଯଥାର୍ଥ ସୁଯୋଗ ଦିଆଯାଇଛି ଏବଂ ବିଭାଗୀୟ କାର୍ଯ୍ୟାନୁଷ୍ଠାରେ କୌଣସି ପ୍ରକ୍ରିୟାଗତ ତୃଟି ହୋଇ ନ ଥିଲା । ନ୍ୟାୟାଧିକରଣ ଏ କଥା ମଧ ଅନୁଭବ କରିଛନ୍ତି ଯେ, ଓଡ଼ିଶା ସେବା ସଂହିତା ଆଇନ୍ – ୭୨ ଆଧାରରେ ପ୍ରତିବାଦୀଙ୍କ ମାମଲା ଅସାଧାରଣା ବ୍ୟାପ୍ତ ନ ଥିଲା । ଏହି ତର୍କ ଆଧାରରେ ପ୍ରତିବାଦୀଙ୍କ ଓ.ଏ. ମାମଲାଟି ତା୦୨.୧୨.୨୦୧୦ରିଖରେ ନ୍ୟାୟାଧିକରଣ ପ୍ରତ୍ୟାଖ୍ୟାନ କରିଥିଲେ (ଆନେକ୍ସର ପି.୧୩)

୯. ନ୍ୟାୟାଧିକରଣ ଙ୍କ ଦ୍ୱାରା ଖାରଜ ହୋଇଥିବା ଓ.ଏ. ମାମଲାରେ କ୍ଷତିଗ୍ରସ୍ତ ହୋଇ ପୁଣିଥରେ ପ୍ରତିବାଦୀ ଡ଼ବ୍ଲ୍ୟୁ. ପି.(ସି) ସଂଖ୍ୟା – ୭୦୫୩/୨୦୧୧ ମାଧମରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଙ୍କ ଦ୍ୱାରସ୍ଥ ହେଲେ। ଯେଉଁଥିରେ ସେ ପରିକଳ୍ପନା ପୂର୍ବକ କହିଥିଲେ ଯେ, ସେ ଛୁଟିରେ ଗାଁ ରେ ଥିଲାବେଳେ, ସେ ମ୍ୟାଲେରିଆ ରୋଗରେ ପିଡ଼ୀତ ହୋଇଥିଲେ ଏବଂ ତା ୩୧.୦୫.୧୯୯୧ରିଖରେ ସିଟି ହସ୍ପିଟାଲରେ ଭର୍ତ୍ତୀ ହୋଇଥିଲେ। ମ୍ୟାଲେରିଆ ଜ୍ୱର ଦ୍ୱାରା ପ୍ରତିବାଦୀଙ୍କ ମାନସିକ ରୋଗର ବିକାଶ ହୋଇଥିଲା। ଏବଂ ଏହି ସ୍ପଷ୍ଟିକରଣ ଦ୍ୱାରା, ସେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ଜବାବ ଦେବାରେ ଏବଂ ଭାଗ ନେବାରେ ଅସମର୍ଥ ହୋଇଥିଲେ। ପ୍ରତିବାଦୀଙ୍କ କହିବାନୁସାରେ, ସେ ଯେତେବେଳେ ସୁସ୍ଥ ହୋଇ ତା୨୧.୦୧.୧୯୯୮ରିଖରେ ଡ଼ାକ୍ତରୀ ପ୍ରମାଣପତ୍ର ଧରି ପୁନର୍ବାର ଚାକିରିରେ ଯୋଗ ଦେବାକୁ ଆସିଲେ, ତାଙ୍କୁ ସେନା ବାହିନୀରେ ଯୋଗ ଦେବାପାଇଁ ଅନୁମତି ପ୍ରଦାନ କରାଗଲା ନାହିଁ।

୧୦. ଆବେଦନକାରୀ-ରାଜ୍ୟ, ଅନ୍ୟପକ୍ଷରେ, ଉଚ୍ଚ ନ୍ୟାୟାଳୟଙ୍କ ଆଗରେ ମତରଖି ଥିଲେ ଯେ, ସ୍ୱାସ୍ଥ୍ୟଗତ କାରଣରୁ ଛୁଟି ବୃଦ୍ଧି କରିବାର ଅନୁରୋଧ ପତ୍ର ପ୍ରାପ୍ତ ହେବାପରେ ୪ର୍ଥ ସେନାବାହିନୀର ସେନାଧିକାରୀ କ୍ରମାଗତ ଭାବେ ତା୧୨.୦୬.୧୯୯୧ରିଖ ଏବଂ ୨୨.୧୦୧୯୯୧ରିଖରେ ସ୍ମାରକ ପତ୍ର ମାଧମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, କଟକ ଙ୍କ ପାଖରେ ହାଜର ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସେ ତାଙ୍କ ସ୍ୱାସ୍ଥ୍ୟବସ୍ଥାର ଡ଼ାକ୍ତରୀ ପରୀକ୍ଷା କରାଇବାରେ ବିଫଳ ହେଲେ। ବାସ୍ତବରେ ପ୍ରତିବାଦୀଙ୍କୁ ତା୧୩.୦୩.୧୯୯୨ରିଖରେ, ନିର୍ଦ୍ଦିଷ୍ଟ ଯୋଗାଯୋଗ ମାଧମରେ କୁହାଯାଇଥିଲା ଯେ ଯଦି ସେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ପାଖରେ ହାଜର ନ ହୁଅନ୍ତି ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯିବ। ଯାହାହେଲେ ମଧ ପ୍ରତିବାଦୀ ସେନା ଅଧିକାରୀଙ୍କ ଆଦେଶକୁ ବେଖାତିର କରି କର୍ମକ୍ଷେତ୍ରରେ ଯୋଗ ଦେଇ ନ ଥିଲେ। ଏବଂ ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା ଏବଂ ତଦନ୍ତ ଅଧିକାରୀଙ୍କ ଦ୍ୱାରା ସେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ସେନାଧିକାରୀ, ଦୋଷୀଙ୍କ ବିରୋଧରେ ରେକର୍ଡ଼ ହୋଇଥିବା ତଥ୍ୟକୁ ଆଧାର କରି ୨ୟ କାରଣ ଦର୍ଶାଅ ନୋଟିସ୍ ପଠାଇଥିଲେ ଏବଂ ସେଥିରେ ଉଲ୍ଲେଖ ଥିଲା ଯେ ଯଦି ଜବାବ ନ ମିଳେ ତେବେ ତାଙ୍କୁ ଚାକିରିରୁ ବହିଷ୍କାର କରି ଦିଆଯିବ। ତେଣୁ ପ୍ରତିବାଦୀଙ୍କୁ ତା୩୦.୧୨.୧୯୯୩ରିଖର ଆଦେଶବଳରେ ଚାକିରିରୁ ବହିଷ୍କାର କରାଯାଇଥିଲା।

୧୧. ଯାହାହେଉ ଉଚ୍ଚ ନ୍ୟାୟାଳୟ ଏଠାରେ ଅନୁଭବ କଲେ ଯେ ପ୍ରତିବାଦୀଙ୍କର ବେଆଇନ ଅନୁପସ୍ଥିତିର ଇତିହାସ କିଛି ନାହିଁ। ମାନସିକ ରୋଗ ବିଶେଷଜ୍ଞ ଏବଂ ମାନସିକ

ରୋଗ ବିଭାଗ ମୂଖ୍ୟ ଏସ୍.ସି.ବି. ମେଡ଼ିକାଲ କଲେଜ ଓ ହସ୍ପିଟାଲ, କଟକ ଙ୍କ ଦ୍ୱାରା ସ୍ୱିକୃତ ଡ଼ାକ୍ତରୀ ପ୍ରମାଣ ପତ୍ର କୁ ଦୁଇ ଜଣିଆ ଖଣ୍ଡପିଠ ଅନୁଭବ କଲେ ଯେ-ଜଣେ ବିଶେଷଜ୍ଞଙ୍କ ଏହି ଡ଼ାକ୍ତରୀ ପ୍ରମାଣ ପତ୍ର କୁ ଏତେ ସହଜତାର ସହିତ ପ୍ରତ୍ୟାଖ୍ୟାନ କରିହେବ ନାହିଁ। ଅଦାଲତଙ୍କ ଅଧାପନ୍ତରିଆ ପର୍ଯ୍ୟବେକ୍ଷଣ ମାଧମରେ କହିଛନ୍ତି ଯେ ରୋଗୀର ମ୍ୟାଲେରିଆ ଜ୍ୱରର କାରଣ ପାଇଁ, ମାନସିକ ଅସୁସ୍ଥତା ଦେଖାଦେଇଛି। ଏହି ଉପଲବ୍ଧ ଆଧାରରେ ମାନ୍ୟବର ଅଦାଲତ ଅନୁଭବ କରିଛନ୍ତି ଯେ ଦଣ୍ଡର ମାତ୍ରା ଅତ୍ୟଧିକ ହୋଇଛି। ତେଣୁ କାର୍ଯ୍ୟାନ୍ତର ଦଣ୍ଡକୁ ବାଧତାମୂଳକ ଅବସର ମାଧମରେ ପରିବର୍ତ୍ତନ କରିଛନ୍ତି।

୧୨. ଦଣ୍ଡ ପରିବର୍ତ୍ତନର ନିଷ୍ପତ୍ତିକୁ ସମର୍ଥନ କରି ଉଚ୍ଚ ନ୍ୟାୟାଳୟ ରଜିନ୍ଦର କୁମାର ବନାମ ହରିଆନା ରାଜ୍ୟ ଏବଂ ଅନ୍ୟମାନେ ମାମଲାର ଅନୁପାତକୁ ବିଶ୍ୱାସ କରିଥିଲେ, ଯେଉଁଥିରେ ଏହି ଅଦାଲତର ଦୁଇ ଜଣିଆ ଖଣ୍ଡପୀଠଙ୍କ ପାଇଁ ନ୍ୟାୟମୂର୍ତ୍ତୀ କୁରିଆନ ଯୋସେଫ୍ ମତ ଦେଇଛନ୍ତି ଯେ ଆଇନ ଆଧାରରେ ବିଭିନ୍ନ ପ୍ରକାରର ଦଣ୍ଡବିଧାନ କରାଯାଇଛି। ତେଣୁ ଶୃଙ୍ଖଳାଗତ ପ୍ରାଧିକାରୀ ତାଙ୍କର ଉଚିତ୍ କ୍ଷମତା ପ୍ରୟୋଗ କରି ଅସଦାଚରଣର ମାତ୍ରା ଏବଂ ଏହାର ଚାକିରିରେ ପ୍ରଭାବକୁ ଆଖିଆଗରେ ରଖି ଦଣ୍ଡବିଧାନ କରିବା ଉଚିତ୍।

୧୩. ଆବେଦନକାରୀଙ୍କ ତରଫରୁ ବିଦ୍ୱାନ ସରକାରୀ ଓକିଲ ଶ୍ରୀମତି ଅନିନ୍ଦିତା ପୂଜାରୀ ଉପସ୍ଥାପନ କରିଛନ୍ତି ଯେ ଉଚ୍ଚ ନ୍ୟାୟାଳୟ, ଅସଦୃଶ ମାମଲାର ଅନୁପାତକୁ ଗ୍ରହଣ କରି, ପଥଭ୍ରଷ୍ଟ କର୍ମଚାରୀଙ୍କୁ ରିଲିଫ୍/ଦୟା ପ୍ରଦାନ କରିବାରେ ଭୁଲ୍ କରିଛନ୍ତି। ଅନ୍ୟପକ୍ଷରେ ବିଦ୍ୱାନ ଓକିଲ ଶ୍ରୀ ନିଲିକେଶ ରାମଚନ୍ଦ୍ରନ ଯୁକ୍ତି ଦର୍ଶାଇଛନ୍ତି ଯେ, ୧୯୯୧ ମସିହାରୁ ୧୯୯୯ ମସିହା ସମୟ ଭିତରେ, ପ୍ରତିବାଦୀଙ୍କ ସହିତ ଘଟିଥିବା ମାନସିକ ବିକୃତିର ସ୍ଥିତିରୁ ବୁଝା ପଡୁଛି ଯେ କ'ଣ ପାଇଁ ସେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ରେ ଭାଗ ନେବାରେ ବିଫଳ ହେଲେ। ଏବଂ କଣ ପାଇଁ ସେ ତାଙ୍କର ଛୁଟି ଅବଧିର ସମାପ୍ତି ପରେ ମଧ ସେନାବାହିନୀରେ ଯୋଗ ଦେଇ ନ ଥିଲେ।

୧୪. ରାଜିନ୍ଦର କୁମାର (ପୂର୍ବେ) ମାମଲାର ଅନୁପାତରେ ଉପଯୋଗିତାକୁ ସ୍ଥିର କରିବାକୁ ହେଲେ ଆମକୁ ଏହି ମାମଲାର ତଥ୍ୟକୁ ଅନୁଧାନ କରିବାକୁ ହେବ। ଏହି ମାମଲାରେ ପ୍ରତିବାଦୀ, ୯ ଦିନ ଛୁଟି ନେବା ପରେ ୧୯୯୮ ମସିହା ପର୍ଯ୍ୟନ୍ତ ସେନାବାହିନୀରେ ଯୋଗ ଦେଲେ ନାହିଁ (୨୫.୦୫.୧୯୯୧ ରୁ ୦୪.୦୬.୧୯୯୧)। କିନ୍ତୁ ତାହାର ବହୁତ ପୂର୍ବରୁ ପ୍ରତିବାଦୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପାଖରେ ନିଜକୁ ହାଜର କରାଇଲେ ନାହିଁ, ତେଣୁ ସେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଦ୍ୱାରା

ତା୩୦.୦୨.୧୯୯୩ରିଖରେ ତାଙ୍କୁ ଚାକିରିରୁ ବରଖାସ୍ତ କରାଗଲା। ତେଣୁ ଏହି ଭଳି ରାଜିନ୍ଦର କୁମାର (ପୂର୍ବେ) ମାମଲା ଭଳି ସମ୍ପୃକ୍ତ ଦୋଷୀ ୩୭ ଦିନ ଧରି ଅନୁପସ୍ଥିତ ଥିଲେ। କିନ୍ତୁ ଏଠାରେ ପ୍ରତିବାଦୀ ୭ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗ ଦେଇ ନ ଥିଲେ। ଗୁରୁତ୍ୱପୂର୍ଣ୍ଣ ଭାବରେ ସେ ସେନାଧିକାରୀଙ୍କ ଆଦେଶକୁ ଅବମାନନା କରି ସି,ଡ଼ି.ଏମ୍.ଓ., କଟକ ଙ୍କ ପାଖରେ ତାଙ୍କ ସ୍ୱାସ୍ଥ୍ୟର ଡ଼ାକ୍ତରୀ ପରୀକ୍ଷା କରାଇଲେ ନାହିଁ। ବର୍ଣ୍ଣିତ ମାମଲାରେ, ଯେଉଁଥିରେ ଦୋଷୀ ୩୭ ଦିନ ପର୍ଯ୍ୟନ୍ତ ଅନୁପସ୍ଥିତ ଥିଲେ, ତେଣୁ ଚାକିରିରୁ ବହିଷ୍କାର କରିବାର ଦଣ୍ଡ ଅସମାନୁପାତୀ/ଅସମାନ ବୋଲି ଜଣା ପଡ଼ିଥିଲା। ଏବଂ ଏହି ଦଣ୍ଡକୁ ବାଧ୍ୟତା ମୂଳକ ଅବସରରେ ପରିବର୍ତ୍ତନ କରାଯାଇଥିଲା। କିନ୍ତୁ ଏହି ମାମଲାରେ ପ୍ରତିବାଦୀ ୯ ଦିନ ଛୁଟି ନେଇ, ୭ ବର୍ଷ ପର୍ଯ୍ୟନ୍ତ ଚାକିରିରେ ଯୋଗ ଦେବାରେ ବିଫଳ ହୋଇଥିଲେ। ତେଣୁ ଏହି ଦୁଇ ମାମଲାରେ, ଅସଦାଚରଣର ସ୍ୱଭାବ ଓ ମାତ୍ରା ଗୋଟିଏ ଶ୍ରେଣୀର ନୁହେଁ। ତେଣୁଏଥି ପାଇଁ ଦୁଇଟି ମାମଲାର ଭିନ୍ନ ଭିନ୍ନ ତଥ୍ୟକୁ, ଏକକ ନ୍ୟାୟିକ ମାନଦଣ୍ଡ ହିସାବରେ ବିଚାର କରାଯାଇ ପାରିବ ନାହିଁ।

୧୫. ଏଠାରେ ଏହା ଗୁରୁତ୍ୱପୂର୍ଣ୍ଣ ଯେ ପ୍ରତିବାଦୀ ସି.ଡ଼ି.ଏମ.ଓ. ଙ୍କ ପାଖରେ ହାଜର ହୋଇ ତାଙ୍କ ଶାରିରୀକ ଅସୁସ୍ଥତାକୁ କାର୍ଯ୍ୟାଳୟ ଦ୍ୱାରା ସତ୍ୟାପନ କରାଇ ନାହାଁନ୍ତି। ଏବଂ ତାଦ୍ୱାରା, ଡ଼ାକ୍ତରୀ ଅବସ୍ଥାର ନିଶ୍ଚିନ୍ତୀକରଣ କୁ ଅବରୋଧ କରିଛନ୍ତି। ଏହି ତଥ୍ୟକୁ କାର୍ଯ୍ୟାଳୟ ର ନଜରକୁ ଆଣିବାରେ ସେ ବିଫଳ ହୋଇଛନ୍ତି। ଏହିପରି ଭାବରେ, ପ୍ରତିବାଦୀ କେବଳ ସେନାଧିକାରୀଙ୍କ ଆଦେଶକୁ ଅବଜ୍ଞା କରି ନ ଥିଲେ ବରଂ ସେ ୭ବର୍ଷ ପର୍ଯ୍ୟନ୍ତ ବେଆଇନ ଭାବେ ଅନୁପସ୍ଥିତ ଥିଲେ। ପରେ ସେ ତାଙ୍କର ଦୀର୍ଘ ଅନୁପସ୍ଥିତିକୁ ଯଥାର୍ଥ କରିବା ପାଇଁ ସମ କାଳୀନ ଡ଼ାକ୍ତରୀ ରିପୋର୍ଟ ବିନା ଚେଷ୍ଟା କରିଥିଲେ।

୧୬. ଆକ୍ଷେପିତ ରାୟରେ ସ୍ପଷ୍ଟ ହେଉଛି ଯେ, କେବଳ ଡ଼ାଃ.ବି.ସି.କର, ପୂର୍ବତନ ମାନସିକ ରୋଗ ବିଶେଷଜ୍ଞ (ମାନସିକ ରୋଗ ବିଭାଗମୁଖ୍ୟ, ଏସ୍.ସି.ବି.ଏମ୍.ସି.ଏଚ୍) ଙ୍କ ଦ୍ୱାରା ତା୨୧.୦୯.୧୯୯୮ ତାରିଖରେ ସ୍ୱିକୃତ ଡ଼ାକ୍ତରୀ ପ୍ରମାଣ ପତ୍ର ଆଧାରରେ, ଉଚ୍ଚ ନ୍ୟାୟାଳୟ ପ୍ରତିବାଦୀଙ୍କ ସପକ୍ଷରେ ହସ୍ତକ୍ଷେପ କରିଛନ୍ତି। କିନ୍ତୁ ଆଶ୍ଚର୍ଯ୍ୟର କଥା, ପ୍ରମାଣନ କରିଥିବା ଡ଼ାକ୍ତର, କୌଣସି ଜାଗାରେ ଉଲ୍ଲେଖ କରିନାହାଁନ୍ତି ଯେ ପ୍ରତିବାଦୀ ୧୯୯୧ ମସିହାରୁ ତାଙ୍କ ଅଧିନରେ ଚିକିତ୍ସିତ ହେଉଥିଲେ ବୋଲି। ଅତି ଅସାଧାରଣ ଭାବେ ପ୍ରମାଣ ପତ୍ରରୁ ସ୍ପଷ୍ଟ ହେଉଛି ଯେ, ତାଙ୍କ ଅଞ୍ଚଳର ଏମ୍.ଏଲ୍.ଏ ଙ୍କ କହିବା ଅନୁସାରେ ସେ ବିଶେଷଜ୍ଞ ଡ଼ାକ୍ତରଙ୍କ ପାଖରେ ୨୧.୦୧.୧୯୯୮ରିଖରେ ଦେଖା କରିଥିଲେ। ତେଣୁ ଏହା ପ୍ରତିବାଦୀଙ୍କୁ କୌଣସି ଡ଼ାକ୍ତର ସ୍ୱିକୃତି ଦେଇ ନାହାଁନ୍ତି ଯେ ସେ ପ୍ରତିବାଦୀଙ୍କୁ ୧୯୯୧ ମସିହାରୁ ୧୯୯୮ ମସିହା ପର୍ଯ୍ୟନ୍ତ ଚିକିତ୍ସା କରିଛନ୍ତି ବୋଲି। ଯଦି

ପ୍ରତିବାଦୀ ଡ଼ାକ୍ତରଙ୍କ ରୋଗୀ, ତେବେ, ଏମ୍.ଏଲ୍.ଏ ଙ୍କ ସ୍ୱିକୃତି ବା କହିବାର ଆବଶ୍ୟକତା ନ ଥିଲା। ଏବଂ ଡ଼ାକ୍ତର ତାଙ୍କ ନିଜ ତରଫରୁ ଡ଼ାକ୍ତରୀ ଚିକିତ୍ସା ପ୍ରମାଣପତ୍ର ଏବଂ ଓ୍ୟୌଷଧର ବିବରଣୀ ଦେଇ ପାରିଥାନ୍ତେ। ଏପରି ଏକ ଯୁକ୍ତି ଯୁକ୍ତ ମିଥ୍ୟାକୁ ନ୍ୟାୟାଧିକରଣ, ଡ଼ାକ୍ତରୀ ପ୍ରମାଣପତ୍ରରେ ଥିବା ସତ୍ୟତା କୁ ସନ୍ଦେହ କରିଥିଲେ। ଯେଉଁଟା ପ୍ରତିବାଦୀଙ୍କ ଦ୍ୱାରା ବ୍ୟକ୍ତ, ମାନସିକ ଅକ୍ଷମତା ବିଷୟରେ, ୧୯୯୧ ମସିହାରୁ ରୁ ୧୯୯୮ ମସିହା ମଧରେ ପ୍ରକାଶ କରିଛନ୍ତି। ଏହାକୁ ଏଠାରେ ପ୍ରତିପାଦନ କରାଯାଇଛି।

୧୭. ପ୍ରତିବାଦୀଙ୍କୁ ତାଙ୍କ ରିଟ୍ ପିଟିସନ୍ ରେ ରିଲିଫ୍ ଦେବା ସମୟରେ ଉଚ୍ଚ ନ୍ୟାୟାଳୟ ଏହାକୁ ସ୍ଥିର କରିବା ଉଚିତ୍ ଥିଲା ଯେ, ପ୍ରତିବାଦୀ ୭ ବର୍ଷ ପାଇଁ କର୍ମକ୍ଷେତ୍ରରେ ଅନୁପସ୍ଥିତ ଥିଲେ ଏବଂ ତାଙ୍କ ବିରୋଧରେ ତା୩୦.୧୨.୧୯୯୩ରିଖରେ ପ୍ରସ୍ତାବିତ ହୋଇଥିବା କାର୍ଯ୍ୟାନ୍ତର ଆଦେଶ ବିଷୟରେ ସଚେତନ ଥିଲେ। ମାନସିକ ଅସୁସ୍ଥତାର ଦାବିକୁ ପ୍ରତିବାଦୀ କର୍ମକ୍ଷେତ୍ରରେ ଯୋଗଦେଇ କିମ୍ବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନରେ ଭାଗନେଇ ପ୍ରମାଣ କରିପାରିଥାନ୍ତେ। ତାଙ୍କର ଡ଼ାକ୍ତରି ଅବସ୍ଥାକୁ ସି.ଡ଼ି.ଏମ୍.ଓ. ଙ୍କ ପାଖରେ ହାଜର ହୋଇ ସ୍ଥିର କରିବାକୁ ବିଫଳ ହେବାର କାରଣକୁ ନ୍ୟାୟାଳୟ ଚିନ୍ତା କରିବା ଉଚିତ୍ ଥିଲା। ଏସବୁ କାର୍ଯ୍ୟ, ସେନାଧିକାରୀଙ୍କ ବାରମ୍ବାର ଯୋଗାଯୋଗ ସତ୍ତ୍ୱେ ଅନୁପସ୍ଥିତ କର୍ମଚାରିଙ୍କ ଦ୍ୱାରା ଅବଜ୍ଞା କରାଯାଇଥିଲା। ଏଠାରେ ଏହା ମହତ୍ତ୍ୱପୂର୍ଣ୍ଣ ଯେ, ପ୍ରତିବାଦୀଙ୍କ ବିରୋଧରେ ୩୦.୧୨.୧୯୯୩ରିଖର କାର୍ଯ୍ୟାନ୍ତର ଆଦେଶକୁ ନ୍ୟାୟାଧିକରଣ କିମ୍ବା ଉଚ୍ଚ ନ୍ୟାୟାଳୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନରେ କୌଣସି ଅପରିପକ୍ୱତା ପାଇ ନାହାଁନ୍ତି।

୧୮. ଉପରୋକ୍ତ ପରିସ୍ଥିତିରେ ପ୍ରାପ୍ତତଥ୍ୟାବଳି ସବୁ, ନ୍ୟାୟାଧିକରଣ ଙ୍କ ଦ୍ୱାରା, ଦୋଷୀଙ୍କୁ ଉଚିତ୍ ସୁଯୋଗ ଦେଇ, ଉଚିତ୍ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କରିବାର ରେକର୍ଡ଼ କରାଯାଇଥିଲା। କାର୍ଯ୍ୟାନ୍ତର ଦଣ୍ଡର ପରିବର୍ତ୍ତନ କୁ ୱାରାଣ୍ଟ କରାଯାଇ ନ ଥିଲା। ଅଧିକନ୍ତୁ, ଉଚ୍ଚ ନ୍ୟାୟାଳୟ ରାଜିନ୍ଦର କୁମାର (ପୂର୍ବରୁ) ଙ୍କ ମାମଲାର ନିଷ୍ପତି ସମର୍ଥନରେ ପାଇଲେ ଯେ, ଯେଉଁଠାରେ, ସମ୍ପୃକ୍ତ କନେଷ୍ଟବଳ ୩୭ ଦିନ ଧରି ବେଆଇନ୍ ଭାବେ ଅନୁପସ୍ଥିତ ଥିଲେ କିନ୍ତୁ ଏଠାରେ ପ୍ରତିବାଦୀ ୧୯୯୧ ମସିହା ଠାରୁ ୧୯୯୮ମସିହା ପର୍ଯ୍ୟନ୍ତ ୭ ବର୍ଷକାଳ କାର୍ଯ୍ୟରେ ଯୋଗଦେବାପାଇଁ ବିଫଳ ହୋଇଥିଲେ।

୧୯. ଯଦି ପ୍ରକୃତରେ ପ୍ରତିବାଦୀ ୦୩.୦୬.୧୯୯୧ ରିଖରୁ ମ୍ୟାଲେରିଆ ଜ୍ୱରରେ ପିଡ଼ିତ ଥିଲେ, ଯେଉଁଥି ପାଇଁ ସେ ବାରମ୍ବାର ଉନ୍ନତ ମାନସିକ ବିଷାଦର ଶିକାର ହେଉଥିଲେ, ତାହାର ଦାବିକୁ ସମ୍ପୃକ୍ତ ଡ଼ାକ୍ତର ଖାନାରୁ ଚିକିତ୍ସା ପ୍ରମାଣପତ୍ର ଆଣି ପାରିଥାନ୍ତେ। ଅଧିକନ୍ତୁ, ତାଙ୍କୁ ତାଙ୍କର ଦାବିକୁ ପ୍ରମାଣ କରିବାକୁ ୧୯୯୧ ମସିହାରେ ସି.ଡ଼ି.ଏମ୍.ଓ. ଙ୍କ ପାଖରେ ହାଜର କରାଯାଇ ନ ଥିଲା। ତା, ପରିବର୍ତ୍ତେ, ସେ ମାନସିକ ରୋଗ ବିଭାଗ ମୁଖ୍ୟ ଙ୍କ

ପାଖରୁ ତା୨୧.୦୧.୧୯୯୮ରିଖରେ ପ୍ରମାଣ ପତ୍ର ବାହାର କରିଥିଲେ। ଯାହାଙ୍କର, ତାଙ୍କୁ ଚିକିତ୍ସା କରିବାରେ କୌଣସି ଭୂମିକା ନ ଥିଲା। ତେଣୁ ଏଠାରେ ଜଣା ପଡୁଛି ଯେ କେବଳ ମାନସିକ ଅସୁସ୍ଥତା ଲକ୍ଷଣକୁ ବ୍ୟକ୍ତ କରି, ପ୍ରତିବାଦୀ ୧୯୯୧ ମସିହା ଠାରୁ ୧୯୮ ମସିହା ପର୍ଯ୍ୟନ୍ତ, ସୁବିଧା ଜନକ ଭାବେ ଡ଼ାକ୍ତରୀ ପ୍ରମାଣ ପତ୍ର ଭାବେ ବାହାର କରିଥିଲେ। କୌତୁହଳ ପୂର୍ଣ୍ଣ ଭାବରେ ଏମ.ଏଲ୍.ଏ. ଙ୍କ ଅନୁମୋଦନ କ୍ରମେ ଡ଼ାକ୍ତର ୧୯୯୧ ମସିହାରୁ ୧୯୯୮ ମସିହା ପର୍ଯ୍ୟନ୍ତ ମାନସିକ ରୋଗ ଚିକିତ୍ସାର ପ୍ରମାଣ ପତ୍ର ପ୍ରଦାନ କରିଥିଲେ।

୨୦. ଏହି ମାମଲାରେ ଆମେ ଚିନ୍ତା କରିବା ପାଇଁ ବାଧ ହେଉଛୁ ଯେ, ପ୍ରତିବାଦୀ ୧୯୯୧ ମସିହା ରୁ ୧୯୯୮ ମସିହା ପର୍ଯ୍ୟନ୍ତ ଚାକିରିରୁ ଦୂରେଇ ରହି, ସମକାଳୀନ ଡ଼ାକ୍ତରୀ ରେକର୍ଡ଼ ବିନା, ସେ କେବଳ ତାଙ୍କର ଦାୟିତ୍ୱହୀନତା ଓ ବିଶୃଙ୍ଖଳାତ୍ମକ ଆଚରଣ ପ୍ରତିପାଦନ କରିନାହାଁନ୍ତି ବରଂ ବିଶେଷଜ୍ଞ ଡ଼ାକ୍ତରଙ୍କ ଡ଼ାକ୍ତରୀ ପ୍ରମାଣପତ୍ର ଦେଖାଇ ଖସିଯିବାକୁ ପ୍ରୟାସ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ ଭାବେ, ଯଦିଓ ସେ, ମନୋଚିକିତ୍ସକ ବିଶେଷଜ୍ଞଙ୍କ ପାଖରୁ ପ୍ରମାଣପତ୍ର ବାହାର କରିଛନ୍ତି କିନ୍ତୁ ସେ କେବେ ମାନସିକ ରୋଗ ଡ଼ାକ୍ତରଙ୍କ ପାଖରେ ଚିକିତ୍ସା ହେବା କଥା କହି ନାହାନ୍ତି। ଏଭଳି ସ୍ଥିତିରେ, ସ୍ୱୟଂ ଉପଯୋଗୀ ଡ଼ାକ୍ତରୀ ପ୍ରମାଣ ପତ୍ରକୁ ନ୍ୟାୟଳୟ ଭୂଲ ବଶତଃ ରାଜିନ୍ଦର କୁମାର (ପୂର୍ବେ) ମାମଲା କୁ ଭରଷା କରି ସମ୍ପୂର୍ଣ୍ଣ ଅଲଗା କରିସ୍ଥିତିରେ ବ୍ୟାଖ୍ୟାନ ପୂର୍ବକ ଉକ୍ତ ମାମଲାରେ ହସ୍ତକ୍ଷେପ କରିଥିଲେ। ସମାନୁପାତୀୟ ବିଶ୍ୱାସ ବ୍ୟତୀତ, ବର୍ତ୍ତମାନ ତଥ୍ୟରେ କୌଣସି ଆକର୍ଷଣ ନାହିଁ।

୨୧. ଅନ୍ୟ ଏକ ଦୃଷ୍ଟିକୋଣ ଅଛି, ଯେଉଁଟି ଆମ ନିଷ୍ପତ୍ତିରେ ଆବଶ୍ୟକ ଅଛି। ନ୍ୟାୟଧିକରଣ ଆଗରେ ପ୍ରତିବାଦୀଙ୍କ ଓକିଲ ତାଙ୍କ ମାନସିକ ଅସୁସ୍ଥତାର ପରିସ୍ଥିତିକୁ ଓଡ଼ିଶା ସଂହିତା ଆଇନ୍ – ୭୨ ଆଧାରରେ ଏକ ଅସାଧାରଣ ମାମଲା ହେବା ଉଚିତ୍ ବୋଲି କହିଛନ୍ତି। ଯେଉଁଥିରେ ଜଣେ ସରକାରୀ କର୍ମଚାରୀ ୫ ବର୍ଷ ଧରି ଛୁଟିରେ ରହିପାରିବେ ବୋଲି କହିଛନ୍ତି। ରୁଲ୍ – ୭୨ ଆଧାରରେ କୌଣସି ଛୁଟି ଯଦି ୫ ବର୍ଷରୁ ଅଧିକ ତେବେ ତାହା ଗ୍ରହଣୀୟ ନୁହେଁ, ଯେ ପର୍ଯ୍ୟନ୍ତ, ସରକାର ଏହି ମାମଲାକୁ ଏକ ଅସାଧାରଣ ପରିସ୍ଥିତିର ବୋଲି ନିର୍ଦ୍ଧାରଣ ନ କରନ୍ତି।

> "(୧) ୭୨ (୧) କୌଣସି ସରକାରୀ କର୍ମଚାରିଙ୍କୁ କୌଣସି ପ୍ରକାରର ଛୁଟି ଲଗାତର୫ ବର୍ଷରୁ ଅଧିକ ଦିଆଯାଇ ପାରିବ ନାହିଁ।
>
> (୨) ଯେଉଁ ଠାରେ ଜଣେ ସରକାରୀ କର୍ମଚାରୀ ଲଗାତର ୫ ବର୍ଷ ଛୁଟିରେ ରହି ଚାକିରିରେ ଯୋଗ ନ ଦିଅନ୍ତି, କିମ୍ୱା, ଯେଉଁଠି ତାଙ୍କ ଛୁଟି ଅବଧିର ଶେଷ ହେବା ପରେ, ଅନ୍ୟାନ୍ୟ ବିଦେଶ ସେବା କିମ୍ୱା ନିଲମ୍ବନ ହେତୁ ଛୁଟି

ମଞ୍ଜୁର ହେବାର ୫ ବର୍ଷ ପରେ ଯୋଗ ନ ଦିଅନ୍ତି-ଓଡ଼ିଶା ସରକାରୀ ଚାକିରି (classification, control and appeal) rule-1962 ଆଧାରରେ ତାଙ୍କୁ ଚାକିରିରୁ ବହିଷ୍କାର କରିଦିଆଯିବ, ଯେ ପର୍ଯ୍ୟନ୍ତ ସରକାର ଏହାକୁ ଅସାଧାରଣ ପରିସ୍ଥିତି ବୋଲି ବିବେଚନା କରିନାହାଁନ୍ତି।"

ଉପରୋକ୍ତ ବ୍ୟବସ୍ଥା ଦ୍ୱାରା ଆମେ ନିଶ୍ଚିନ୍ତ ହେଲୁ ଯେ ଏଠାରେ କୌଣସି ଅସାଧାରଣ ପରିସ୍ଥିତି ନାହିଁ। ବାସ୍ତବରେ, ୭ ବର୍ଷର ଅନୁପସ୍ଥିତିକୁ ସଠିକ୍ ପ୍ରମାଣ କରିବା ପାଇଁ ସ୍ୱୟଂ ପ୍ରସ୍ତୁତ ଡ଼ାକ୍ତରୀ ପ୍ରମାଣ ପତ୍ରର ସତ୍ୟତା କୁ ନ୍ୟାୟଧିକରଣ ସନ୍ଦେହ କରିଥିଲେ।

୨୨. ଉପରୋକ୍ତ ପରିସ୍ଥିତିରେ କେବଳ ବିଶେଷଜ୍ଞ ଡ଼ାକ୍ତରଙ୍କ ଦ୍ୱାରା ସ୍ୱିକୃତ ଡ଼ାକ୍ତରୀ ପ୍ରମାଣ ପତ୍ର ଯିଏ କି ରୋଗୀଙ୍କୁ ବ୍ୟକ୍ତିଗତ ଭାବରେ ଚିକିତ୍ସା କରି ନାହାଁନ୍ତି। ଏହି ତଥ୍ୟକୁ ଆଧାର କରି ଉଚ୍ଚ ନ୍ୟାୟାଳୟ ପ୍ରତିବାଦୀ ଙ୍କୁ ରିଲିଫ୍ ଦେବା ଉଚିତ୍ ହୋଇନାହିଁ। ପ୍ରାସଙ୍ଗିକ ତଥ୍ୟ ଏବଂ ସମକାଳୀନ ଡ଼ାକ୍ତରୀ ରେକର୍ଡ଼ର ଅନୁପସ୍ଥିତିରେ, ଉଚ୍ଚ ନ୍ୟାୟାଳୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ରେ ହସ୍ତକ୍ଷେପ କରି ଦଣ୍ଡର ପରିମାଣ କମାଇବା ଉଚିତ୍ ହୋଇନାହିଁ। ପ୍ରତିବାଦୀ ଙ୍କ ଅସଦାଚରଣ ମାତ୍ରାକୁ ନ ଦେଖି ଏବଂ ଅନୁପଯୁକ୍ତ ଭାବେ ନ୍ୟାୟାଧିକରଣ ଙ୍କ ଉଚିତ୍ ନିଷ୍ପତ୍ତିର ହସ୍ତକ୍ଷେପ କରି ଓ.ଏ. ସଂଖ୍ୟା – ୧୪୫୯ (ସି)/୨୦୦୩ ମାମଲାରେ ପ୍ରତିବାଦୀଙ୍କୁ ରିଲିଫ୍ ଦେବାକୁ ମନା କରିଥିଲେ।

୨୩. ପୂର୍ବଗାମୀ ମତରେ, ଆମ୍ଭେ ଉଚ୍ଚ ନ୍ୟାୟାଳୟଙ୍କ ଆକ୍ଷେପିତ ରାୟ ଏବଂ ଆଦେଶକୁ ରଦ୍ଦ କରୁଛୁ ଏବଂ ଅପିଲ୍ କୁ ଗ୍ରହଣ କରୁଛୁ। ଖର୍ଚ୍ଚ ବାବଦକୁ କୌଣସି ଆଦେଶ ଦିଆଯିବ ନାହିଁ।

ନୂଆଦିଲ୍ଲୀ — ଡ଼ି. ୱାଇ, ଚନ୍ଦ୍ରଚୁଡ଼ (ବିଚାରପତି)

ଜାନୁଆରୀ – ୧୦, ୨୦୨୦ — ହ୍ରିସିକେଶ ରାୟ (ବିଚାରପତି)

# ଅସ୍ୱୀକାର ପତ୍ର

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜି ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"